# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 05 December – 2025

*********************************

## ମୁଖ୍ୟ ସମ୍ବାଦ

- ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ଚଳିତ ଆର୍ଥିକବର୍ଷ ପାଇଁ ଅତିରିକ୍ତ ଖର୍ଚ୍ଚଦାବି ଉପରେ ବିଧାନସଭାରେ ଜାରି ରହିଛି ଆଲୋଚନା

— ରାଜ୍ୟରେ ଐତିହ୍ୟ କିର୍ତ୍ତିରାଜି ଚିହ୍ନଟ ସହ ଗବେଷଣା ପାଇଁ ସରକାର ନେଉଛନ୍ତି ପଦକ୍ଷେପ

— ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୧୩ଟି ବିଶ୍ୱବିଦ୍ୟାଳୟର କୁଳପତି ଚୟନ ପାଇଁ ଗଠନ କରାଯାଇଛି କମିଟି; କହିଲେ ବିଭାଗୀୟ ମନ୍ତ୍ରୀ

- ଭବିଷ୍ୟତ ପିଢ଼ି ପାଇଁ ମୃତ୍ତିକା ଉର୍ବରତାର ସୁରକ୍ଷା ନିମନ୍ତେ ଆହ୍ୱାନ ଦେଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ

- ପୁରୀରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ୩ ଦିନିଆ ବୈଶ୍ୱିକ ଶକ୍ତି ନେତୃତ୍ୱ ସମ୍ମିଳନୀ

ଏବଂ

- ଅର୍କକ୍ଷେତ୍ର କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ଚାଲିଥିବା ୩୬ତମ କୋଣାର୍କ ଉତ୍ସବ ଏବଂ ୧୫ତମ ବାଲୁକା କଳା ଉତ୍ସବର ଆଜି ଉଦ୍‌ଯାପନୀ ଦିବସ

## ବିଧାନସଭା

ସପ୍ତଦଶ ବିଧାନସଭାର ଶୀତକାଳୀନ ଅଧିବେଶନର ଆଜି ଅଷ୍ଟମ କାର୍ଯ୍ୟଦିବସର ଦ୍ୱିତୀୟାର୍ଦ୍ଧରେ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ଚଳିତ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ଖର୍ଚ୍ଚ ଦାବି ଉପରେ ଗୃହରେ ଆଲୋଚନା ଜାରି ରହିଛି। ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ଆଲୋଚନାରେ ମତାମତ ରଖୁଥିବାବେଳେ ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାୟକ ଶେଷରେ ଉତ୍ତର ରଖିବେ। ଏହାପରେ ବିଭାଗର ୨୧୩ କୋଟି ୮୭ ଲକ୍ଷ ୪୪ ହଜାର ଟଙ୍କାର ଅତିରିକ୍ତ ଅନୁଦାନ ପାରିତ ହେବାର ସମ୍ଭାବନା ରହିଛି।

## ବିଧାନସଭା–ଐତିହ୍ୟ

ରାଜ୍ୟରେ ଐତିହ୍ୟ କୀର୍ତ୍ତିରାଜି ଚିହ୍ନଟ ସହ ଗବେଷଣା ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି, ଏ ନେଇ ଗତ ଅଗଷ୍ଟ ମାସ ୨୬ ତାରିଖରେ ହୋଇଥିବା ବୈଠକରେ ୪ ହଜାରରୁ ଊର୍ଦ୍ଧ୍ୱ କୀର୍ତ୍ତିରାଜି ଚିହ୍ନଟ ହୋଇ ଏହା ଉପରେ ଗବେଷଣା ପାଇଁ ନିଷ୍ପତ୍ତି ହୋଇଥିବା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ବିଧାନସଭାରେ ପ୍ରଶ୍ନକାଳରେ ମନ୍ତ୍ରୀ କହିଛନ୍ତି, ସରକାର 'ସେଣ୍ଟର ଫର ହେରିଟେଜ୍ ଷ୍ଟଡି' ସହାୟକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। କୀର୍ତ୍ତିରାଜି ସମ୍ପର୍କରେ ଗବେଷଣା ପାଇଁ ଏକ ବିଶେଷଜ୍ଞ ଦଳ ଗଠନ କରାଯିବ।

## ବିଧାନସଭା–କୁଳପତି ଚୟନ

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୧୪ଟି ସରକାରୀ ବିଶ୍ୱବିଦ୍ୟାଳୟ ମଧ୍ୟରୁ ୧୩ଟି ବିଶ୍ୱବିଦ୍ୟାଳୟର କୁଳପତି ଚୟନ ପାଇଁ କମିଟି ଗଠନ କରାଯାଇଛି । ଏହି ପଦବୀ ପୂରଣ ପାଇଁ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ୍ ୨୦୨୪ ଧାରା ୬ ଅନୁଯାୟୀ ପଦକ୍ଷେପ ନିଆଯାଉଛି ବୋଲି ବିଧାନସଭାରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ବିଜ୍ଞାପନ ମାଧ୍ୟମରେ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତି ପଦବୀ ନିମନ୍ତେ ହସ୍ତଗତ ହୋଇଥିବା ଦରଖାସ୍ତଗୁଡ଼ିକର ତର୍ଜମା ସହିତ ସାକ୍ଷାତକାର ପ୍ରକ୍ରିୟା ଆରମ୍ଭ ହୋଇଛି ।

## ବିଧାନସଭା-ମଧ୍ୟାହ୍ନ ଭୋଜନ

ରାଜ୍ୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ୫୬ ଲକ୍ଷ ୪୯ ହଜାର ୫୨୪ ଜଣ ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଇଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗୃହରେ ସୂଚନା ଦେଇଛନ୍ତି । ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଗଣ୍ଡ କହିଛନ୍ତି, ରାଜ୍ୟ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କ ମୁଣ୍ଡପିଛା ଦୈନିକ ଖାଦ୍ୟ ମୂଲ୍ୟ ୧୧ ଟଙ୍କା ୧୫ ପଇସା ଧାର୍ଯ୍ୟ କରାଯାଇଛି । ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟରେ ମୁଣ୍ଡପିଛା ଖାଦ୍ୟର ମୂଲ୍ୟ ୧୪ ଟଙ୍କା ୭୫ ପଇସା ରହିଛି ବୋଲି ମନ୍ତ୍ରୀ ଗୃହରେ ପ୍ରକାଶ କରିଛନ୍ତି ।

## ବିଧାନସଭା-କ୍ରୀଡା

ଓଡ଼ିଶାର ୪୬ ଜଣ କ୍ରୀଡାବିତ୍ ଓ ୨ ଜଣ କୋଚ୍ ଜାତୀୟ ଦଳରେ ରହିଛନ୍ତି ବୋଲି କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଧାନସଭାରେ କହିଛନ୍ତି । ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି, କ୍ରୀଡା କ୍ଷେତ୍ରର ଉନ୍ନତି ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ରାଜ୍ୟର ଖେଳାଳିମାନଙ୍କ ପାଇଁ ୧୫ଟି

ଜିଲ୍ଲାରେ ୧୬ଟି କ୍ରୀଡା ଛାତ୍ରାବାସ ସ୍ଥାପନ ସହ ୧୫ଟି କ୍ରୀଡା ଶୃଙ୍ଖଳାରେ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଉଚ୍ଚମାନର କ୍ରୀଡା ପ୍ରଶିକ୍ଷଣ ପାଇଁ ଉତ୍କର୍ଷ କ୍ରୀଡା ପ୍ରଦର୍ଶନ କେନ୍ଦ୍ର ମାଧ୍ୟମରେ କ୍ରୀଡାବିତ୍‌ମାନେ ପ୍ରଶିକ୍ଷଣ ନେଉଛନ୍ତି। ହକି, କ୍ରିକେଟ, ଫୁଟବଲ, ଭଲିବଲ୍, ସିପାକ୍‌ଟାକ୍ରା, ହ୍ୟାଣ୍ଡବଲ୍‌ରେ ଓଡ଼ିଶାର କ୍ରୀଡାବିତ୍‌ମାନେ ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରୁଛନ୍ତି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

## ମୃତ୍ତିକା ଦିବସ

ଭବିଷ୍ୟତ ପିଢ଼ି ପାଇଁ ମୃତ୍ତିକା ଉର୍ବରତାର ସୁରକ୍ଷା ନିମନ୍ତେ ରାସାୟନିକ ସାମଗ୍ରୀର ବ୍ୟବହାର ହ୍ରାସ କରିବାକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ଭୁବନେଶ୍ୱର ସ୍ଥିତ କୃଷିଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ସିଂହଦେଓ କହିଛନ୍ତି, ପ୍ରାକୃତିକ ତଥା ଜଳବାୟୁ ସହନଶୀଳ କୃଷି କୌଶଳର ବ୍ୟାପକ ପ୍ରଚଳନ ଭଳି ଜୈବିକ ପଦାର୍ଥର ପ୍ରୋତ୍ସାହନ ଏବଂ ସ୍ଥାୟୀ ଅଭ୍ୟାସ ଗ୍ରହଣ କରିବାକୁ କୃଷକ, ବୈଜ୍ଞାନିକ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ ଆହ୍ୱାନ ଦିଆଯାଇଛି।

**- V/O - (**କନକ ବର୍ଦ୍ଧନ ସିଂହଦେଓ**)**

କାର୍ଯ୍ୟକ୍ରମରେ ବିଭାଗର ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ଯୋଗଦେଇ ରାଜ୍ୟର ମୃତ୍ତିକା ପରୀକ୍ଷଣ ସୁବିଧାକୁ ଦୃଢ଼ କରିବା ପାଇଁ ସରକାରଙ୍କ ପ୍ରୟାସ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ

ଏକ ବୃତ୍ତ ଚିତ୍ର ପ୍ରଦର୍ଶିତ ହେବା ସହ କୃଷକମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଇଥିଲା ।

## ବିଶ୍ୱ ମୃତ୍ତିକା ଦିବସ

ରାଜ୍ୟର ବିଭିନ୍ନ ସ୍ଥାନରେ ବିଶ୍ୱ ମୃତ୍ତିକା ଦିବସ ଅବସରରେ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

**ବୌଦ୍ଧ**ଠାରେ କୃଷି ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଅଧିକାରୀ ଯୋଗଦେଇ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରିଥିଲେ ।

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଅଧିକାରୀ ଏମ୍.ପ୍ରକାଶ ରାଓ ଯୋଗଦେଇ ମୃତ୍ତିକା ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଉପସ୍ଥିତ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଇଥିଲା ।

**ସୁବର୍ଣ୍ଣପୁର** ଜିଲ୍ଲାସ୍ଥିତ ପଲିଟେକ୍‌ନିକ୍ ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରୁଦ୍ରଦେବ ରାଉତ, ଅନ୍ୟାନ୍ୟ କୃଷି ଅଧିକାରୀ ଓ ବହୁ ସଂଖ୍ୟାରେ ଚାଷୀ ଯୋଗ ଦେଇଥିଲେ ।

**ନୟାଗଡ଼** ଜିଲ୍ଲା ଓଡ଼ଗାଁ ବ୍ଲକରେ ଏହି ଦିବସ ପାଳିତ ହୋଇଯାଇଛି । ସମ୍ମିଳନୀରେ ମୃତ୍ତିକା ସଂରକ୍ଷଣ ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷି ଭିତ୍ତିକ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା । ମୃତ୍ତିକା କ୍ଷୟ ଓ ତାର ସଂରକ୍ଷଣ ଶୀର୍ଷକ ଉପରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ପୁରୀ ଗ୍ଲୋବାଲ ସମିଟ

ପୁରୀରେ ଆସନ୍ତାକାଲିଠାରୁ ତିନିଦିନିଆ ବୈଶ୍ୱିକ ଶକ୍ତି ନେତୃତ୍ୱ ସମ୍ମିଳନୀ-୨୦୨୫ ଆରମ୍ଭ ହେଉଛି। ସ୍ୱଚ୍ଛ ଇନ୍ଧନ କ୍ଷେତ୍ରରେ ଭାରତର କାର୍ଯ୍ୟପନ୍ଥା ଓ ଅଗ୍ରଣୀ ଭୂମିକା ବିଷୟରେ ଏଥିରେ ଆଲୋଚନା କରାଯିବ । ୭ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ କେନ୍ଦ୍ର ନୂତନ ଓ ନବୀକରଣ ଯୋଗ୍ୟ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏବଂ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାୟକ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁ ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କ ସମେତ ବିଭିନ୍ନ ରାଜ୍ୟର ମନ୍ତ୍ରିମଣ୍ଡଳର ସଦସ୍ୟ ଅଂଶଗ୍ରହଣ କରିବେ।

## କୋଣାର୍କ ମହୋତ୍ସବ

ଅର୍କକ୍ଷେତ୍ର କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ପାଞ୍ଚଦିନ ବ୍ୟାପୀ ଚାଲିଥିବା ଭାରତୀୟ ଶାସ୍ତ୍ରୀୟ ନୃତ୍ୟର ମହାକୁମ୍ଭ ୩୬ତମ କୋଣାର୍କ ଉତ୍ସବ ଏବଂ ଚନ୍ଦ୍ରଭାଗା ବେଳାଭୂମିରେ ୧୫ତମ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବର ଆଜି ଉଦ୍‌ଯାପନୀ ସନ୍ଧ୍ୟା। ସମାରୋହରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଯୋଗଦେଇଛନ୍ତି। ଉତ୍ସବର ଅନ୍ତିମ ଦିବସରେ ଓଡ଼ିଶୀ ଏବଂ କଥକ ନୃତ୍ୟ ପରିବେଷଣ କରାଯାଉଛି। ଚଳିତବର୍ଷ ଜାପାନ, ଋଷିଆ, ସ୍ପେନ, ପର୍ତ୍ତୁଗାଲ, ଶ୍ରୀଲଙ୍କା ଆଦି ଦେଶ ସମେତ ଭାରତର ବିଭିନ୍ନ ରାଜ୍ୟର ୩୦ରୁ ଊର୍ଦ୍ଧ୍ୱ ଷ୍ଟଲରେ ଶତାଧିକ ଶିଳ୍ପୀଙ୍କ ଦ୍ୱାରା ବାଲୁକା କଳା ପ୍ରଦର୍ଶିତ ହୋଇଛି।

## କର୍ମଶାଳା

ଭୁବନେଶ୍ୱରସ୍ଥିତ ରାଜ୍ୟ ଶ୍ରମ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ନିରାପତ୍ତା ଅଧିକାରୀଙ୍କ ଦୁର୍ଘଟଣା ପ୍ରତିରୋଧରେ ମୁଖ୍ୟ ଭୂମିକା ବିଷୟବସ୍ତୁ ସମ୍ପର୍କରେ ରାଜ୍ୟସ୍ତରୀୟ ତାଲିମ କର୍ମଶାଳା ଆୟୋଜିତ ହୋଇଯାଇଛି । ସୁରକ୍ଷା କେବଳ ଏକ ନୀତି ନୁହେଁ, ଏହା ସତର୍କତା ଏବଂ ସଂଗଠିତ ପ୍ରୟାସର ଫଳ ବୋଲି ବିଭାଗୀୟ ଉପନିର୍ଦ୍ଦେଶକ ଡକ୍ଟର ମଳୟ କୁମାର ପ୍ରଧାନ କାର୍ଯ୍ୟକ୍ରମରେ କହିଥିଲେ । କର୍ମଶାଳାରେ ନିରାପତ୍ତା ଅଧିକାରୀଙ୍କୁ ଦୁର୍ଘଟଣା ପ୍ରତିରୋଧ ସହ ସୁରକ୍ଷା କାର୍ଯ୍ୟପଦ୍ଧତି ଅନୁପାଳନରେ ସକ୍ରିୟ କରାଇବା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା । ପ୍ରତିଷ୍ଠାନ ପକ୍ଷରୁ ତାଲିମପ୍ରାପ୍ତ ୫୪ ଜଣ ନିରାପତ୍ତା ଅଧିକାରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା ।

## ସମୀକ୍ଷା ବୈଠକ

ରାଜ୍ୟ ଖାଦ୍ୟ କମିଶନ ଅଧ୍ୟକ୍ଷ ଅବନୀକାନ୍ତ ସାହୁ **କେନ୍ଦ୍ରାପଡା** ଜିଲ୍ଲା ଗସ୍ତରେ ଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହଠାରେ ଏକ ସମୀକ୍ଷା ବୈଠକରେ ଯୋଗଦେଇଛନ୍ତି । ବୈଠକରେ ଶ୍ରୀ ସାହୁ ଜାତୀୟ ଖାଦ୍ୟ ନିରାପତ୍ତା ଆଇନ୍ ୨୦୧୩ ଆଧାରରେ ରାସନକାର୍ଡ ବଣ୍ଟନ ଉପରେ ଗୁରୁତ୍ୱ ଦେଇଛନ୍ତି । ସାମାଜିକ ସୁରକ୍ଷା ଅଧୀନରେ ଯୋଗ୍ୟ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା ସୁନିଶ୍ଚିତ କରିବା ପାଇଁ ଶ୍ରୀ ସାହୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ମୋ ଖତ ବିକ୍ରୟ କେନ୍ଦ୍ର

**ନୟାଗଡ଼** ଜିଲ୍ଲା ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଓଡ଼ଗାଁ ଏନ୍‌ଏସି ପରିବା ମାର୍କେଟ ନିକଟ ଗଣେଶ ବଜାରଠାରେ 'ମୋ ଖତ ବିକ୍ରୟ କେନ୍ଦ୍ର'ର ଶୁଭାରମ୍ଭ ହୋଇଯାଇଛି । ରାସାୟନିକ ସାର ପରିବର୍ତ୍ତେ ଜୈବିକ

ଖତ  ବ୍ୟବହାର କରାଯିବା ନେଇ 'ମୋ ଖତ ଯୋଜନା' କାର୍ଯ୍ୟକାରୀ କରାଯାଉଛି ।

## ଅଭିଯୋଗ ଶୁଣାଣି

**ସୁବର୍ଣ୍ଣପୁର** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାର ଆଦିବାସୀ ସମ୍ପ୍ରଦାୟ, ଜନସାଧାରଣଙ୍କ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜନସାଧାରଣଙ୍କଠାରୁ ମୋଟ ୨୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ଶିବିରରେ ଜିଲ୍ଲାର ୨୩ ଜଣ ଯୋଗ୍ୟ ଆଦିବାସୀ ହିତାଧିକାରୀଙ୍କୁ ଜମି ପଟା ବଣ୍ଟନ କରାଯାଇଥିଲା ।

## କର୍ମଶାଳା

**ନୟାଗଡ଼** ଜିଲ୍ଲା ଓଡ଼ଗାଁ ବ୍ଲକର ସୋଲପଟା ଗ୍ରାମପଞ୍ଚାୟତରେ ଥିବା ମା' ଭୂୟାଁଣୀ ମତ୍ସ୍ୟ ଓ ଯାଆଁଳ କେନ୍ଦ୍ରଠାରେ ମାଛ ଚାଷରେ ଖାଦ୍ୟ ପରିଚାଳନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜାତୀୟ ମତ୍ସ୍ୟ ଉନ୍ନୟନ ସଂସ୍ଥା ଓ ନୟାଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କର୍ମଶାଳାରେ ସ୍ଥାନୀୟ ମତ୍ସ୍ୟଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା ।

## ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ** ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦ୍ୱାରା ବୌଦ୍ଧ ବ୍ଲକ୍ ସମ୍ମିଳନୀ କକ୍ଷଠାରେ ରାଷ୍ଟ୍ରୀୟ ପୋଷ୍ୟ ସନ୍ତାନ ମାସ ୨୦୨୫ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୋଷ୍ୟ ସନ୍ତାନ ଗ୍ରହଣ ଅଧିନିୟମ-୨୦୨୨ରେ ଥିବା ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ କରିବା ଉପରେ ଅତିଥିମାନେ ଗୁରୁତ୍ୱ ପ୍ରଦାନ କରିଥିଲେ ।

## ତୀର୍ଥଯାତ୍ରା

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ **ସମ୍ବଲପୁର**ରୁ ରାମେଶ୍ୱରମ-ମଦୁରାଇ ଅଭିମୁଖେ ଟ୍ରେନ୍ ଯାତ୍ରାର ଆଜି ଶୁଭାରମ୍ଭ ହୋଇଛି। ସମ୍ବଲପୁରର କ୍ଷେତରାଜପୁର ଷ୍ଟେସନରେ ବିଧାୟକ ଜୟନାରାୟଣ ମିଶ୍ର ଏହି ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି। ଏହି ଯାତ୍ରାରେ ୮ଟି ଜିଲ୍ଲାର ୭୭୫ ଜଣ ବରିଷ୍ଠ ନାଗରିକ ଓ ୨୫ ଜଣ ସହାୟକ ଅଫିସର ସାମିଲ ହୋଇଛନ୍ତି।

## ସାଂସଦ ଖେଳ ମହୋତ୍ସବ

**ନୟାଗଡ଼** ଜିଲ୍ଲା ଗଣିଆଁଠାରେ ଥିବା ପିଏମ୍‌ଶ୍ରୀ କିଶୋରଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାପୀଠ ପରିସରରେ ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ୪ ଦିନ ଧରି ଏହି ଖେଳ ମହୋତ୍ସବରେ ଗଣିଆଁ ବ୍ଲକ୍‌ର ୮ଟି ପଞ୍ଚାୟତର ୧ ହଜାର ୫୦୦ ରୁ ଊର୍ଦ୍ଧ୍ୱ ଖେଳାଳୀ ଅଂଶଗ୍ରହଣ କରିଥିଲେ।

## ମାଲ୍ୟବନ୍ତ ମହୋତ୍ସବ

**ମାଲକାନଗିରି** ସଂସ୍କୃତିଭବନଠାରେ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ମାଲ୍ୟବନ୍ତ ମହୋତ୍ସବ ନିମନ୍ତେ ନୃତ୍ୟଦଳ ଚୟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଜିଲ୍ଲାର ୩୦ରୁ ଅଧିକ ନୃତ୍ୟଦଳ ଭାଗ ନେଇଥିଲେ। ସମସ୍ତ କଳାକାରଙ୍କୁ ସେମାନଙ୍କ ସର୍ବଶ୍ରେଷ୍ଠ ପ୍ରସ୍ତୁତି ଉପସ୍ଥାପନ କରିବାକୁ ପରିଷଦ ପକ୍ଷରୁ ଉତ୍ସାହିତ କରାଯାଇଛି।